

ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମୀ ହୋଇଯିବ ।
-ସାର୍ ଜନ୍ ସାଇମନ

## ସଂକ୍ଷେପରେ



### ଆନ୍ଦୋଳନରେ ଫାୟାରମ୍ୟାନ

ପଟ୍ଟାଙ୍ଗି,୨୫।୯(ଡି.ଏନ୍.ଏ.): ପଟ୍ଟାଙ୍ଗି ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଫାୟାରମ୍ୟାନଙ୍କ ସମେତ ହାବିଲଦାର ୬ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପରିସ୍ଥିତିରେ ଗୃହରକ୍ଷୀଙ୍କ ହାତକୁ ଅଗ୍ନିଶମ ସେବା ଦାୟିତ୍ୱ ଟେକି ଦିଆଯାଇଛି। ପଟ୍ଟାଙ୍ଗି ଏକ ସୀମାନ୍ତ ଅଞ୍ଚଳ ଓ ଏଠାରେ ଲଗାଣ ବର୍ଷା ପାଇଁ କେଉଁ ସମୟରେ କିଛି ଅଘଟଣ ଘଟିପାରେ। ସେଭଳି ସ୍ଥିତି ଉପୁଜିଲେ ଗୃହରକ୍ଷୀମାନେ କିପରି ଉପରୋକ୍ତ ସେବା ଯୋଗାଇପାରିବେ, ତାହା ଏବେ ବଡ଼ ପ୍ରଶ୍ନବାଚୀ। ଫାୟାରମ୍ୟାନଙ୍କ ଦାବିଗୁଡ଼ିକ ମଧ୍ୟରୁ ଅଗ୍ନିଶମ କର୍ମଚାରୀଙ୍କୁ ପୋଲିସ ଭଳି ସମାନ ଦରମା ଓ ଭତ୍ତା, ଠିକା କର୍ମଚାରୀଙ୍କୁ ନିୟମିତ କରିବା, ଅଗ୍ନିଶମ କର୍ମଚାରୀଙ୍କୁ ନିଜ ଜିଲା ଓ ଆବଶ୍ୟକ ସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି ଦେବା ଭଳି ଦାବି ରହିଛି। ଏସବୁ ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ପୁଷ୍ଟିକର ଖାଦ୍ୟ ସମ୍ପର୍କିତ ସଚେତନତା



ବୈପାରୀଗୁଡ଼ା,୨୫।୯(ଡି.ଏନ୍.ଏ.): ଜାତୀୟ ପୁଷ୍ଟିକର ମାସ ପାଳନ ପରିପ୍ରେକ୍ଷୀରେ ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଗୁମା ଗ୍ରାମରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପୁଷ୍ଟିକର ଖାଦ୍ୟ ସଂପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଡାକ୍ତର ଶୋଭନ ରାଉତ, ରାଜ୍ୟ ପୁରସ୍କାରପ୍ରାପ୍ତ ଯୁବ ସାମାଜିକ କର୍ମୀ ଏନ୍. ସନ୍ତୋଷ, ଅଙ୍ଗନୱାଡ଼ି କର୍ମୀ ମାଧୁରୀ ନାୟକ, ୱାର୍ଡ଼ମେମ୍ବର ପଦ୍ମିନୀ ଦାସ, ଗ୍ରାମଦେବୀ ଯୁବକ ସଂଘ ସଭାପତି କେଶବ ଖିଲ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଉପସ୍ଥିତ ଗ୍ରାମବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଓ ଏହାର ଉପାଦେୟତା ସଂପର୍କରେ ଅବଗତ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପି. ସତୀଶ୍ କୁମାର ଓ ଲୁସି ବେହେରା ଶିବିର ପରିଚାଳନା କରିଥିଲେ।

### ଶାବର ଶ୍ରୀକ୍ଷେତ୍ରରେ ଭାଗବତ ଜନ୍ମ ଉତ୍ସବ

କୋରାପୁଟ,୨୫।୯(ସ୍ୱ.ପ୍ର.): କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ମଙ୍ଗଳବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଭାଗବତ ପାରାୟଣ କରାଯିବା ସହିତ ବ୍ରାହ୍ମଣମାନଙ୍କୁ ଅନ୍ନ ଭୋଜନ ଓ ବସ୍ତ୍ର ଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ମନ୍ଦିର ପରିଚାଳନା କମିଟି ସଦସ୍ୟ ଲଳିତ ମୋହନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଇ ଭାଗବତ ଜନ୍ମର ବିଭିନ୍ନ ପୌରାଣିକ ବିଷୟବସ୍ତୁ ଆଲୋଚନା କରାଯାଇଥିଲା । ଏଥିରେ ମନ୍ଦିର ପରିଚାଳନା କମିଟିର ସଂପାଦକ ଗଦାଧର ପରିଡା, ଜଗବନ୍ଧୁ ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଭବାନି ଆଚାର୍ଯ୍ୟ ଉପସ୍ଥିତ ଥିଲେ।

### ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ଦାବିପତ୍ର



କୋରାପୁଟ,୨୫।୯(ସ୍ୱ.ପ୍ର.): ନିଖିଳ ଓଡିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର କୋରାପୁଟ ଜିଲା ଶାଖା ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛି। ସ୍ଥାୟୀ ନିଯୁକ୍ତି, ନିଯୁକ୍ତି ନ ମିଳିବା ଯାଏଁ ସମସ୍ତ ତାଲିମପ୍ରାପ୍ତ ଏଏନ୍ଏମ୍‌ଙ୍କୁ ମାସିକ ୫ ହଜାର ପ୍ରଦାନ, ନିଯୁକ୍ତିକୁ ରାଜ୍ୟସ୍ତରୀୟ ବଦଳରେ ଜିଲାସ୍ତରୀୟ କରିବା, ସମସ୍ତ ଏଏନଏମ ପଦବୀ ପୂରଣ କରିବା ଆଦି ୯ ଦଫା ଦାବି ରଖିଛି ସଂଘ। କୋରାପୁଟ ଜିଲା ଶାଖା ସଭାପତି ସବିତାରାଣୀ ପ୍ରଧାନଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଜିଲାପାଳ କାର୍ଯ୍ୟାଳୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଏହି ଦାବି ସବୁ ଜଣାଇଛନ୍ତି।

■ ସନ୍ତାନ ଜନ୍ମ ପରେ ଆଖି ବୁଜିଲେ ପ୍ରସୂତୀ

# ଡାକ୍ତରଙ୍କ ଅବହେଳାକୁ ଦାୟୀକରି ଧାରଣା

କୋରାପୁଟ,୨୫।୯(ସ୍ୱ.ପ୍ର.)

ଜଣେ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ କୋରାପୁଟ ମେଡିକାଲ କଲେଜ ଓ ହସପିଟାଲରେ ମଙ୍ଗଳବାର ଉତ୍ତେଜନା ଦେଖାଯାଇଛି । ମୃତକ ଜଣକ ହେଲେ କୋରାପୁଟ ମ୍ୟୁନିସପାଲଟି ମସିପୁଟ ଗ୍ରାମର ସୋନିଆ ଭୋଇଙ୍କ ସ୍ତ୍ରୀ ସାବି (୨୦)। ଡାକ୍ତରଙ୍କ ଅବହେଳା ଯୋଗୁଁ ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତାଙ୍କ ସଂପର୍କୀୟମାନେ ମୃତଦେହକୁ କୋରାପୁଟ ମେଡିକାଲ ମହିଳା ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ରଖି ସେଠାରେ ଧାରଣା ଦେଇଥିଲେ। ଏପରିକି ଆଲୋଚନା କରିବାକୁ ଆସିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲଳିତ ମୋହନ ରଥଙ୍କୁ ଘେରାଉ କରିଥିଲେ। ଏହି ଘଟଣାର ତଦନ୍ତ ଦାବିକରି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଫାଟକ ମଧ୍ୟ ବନ୍ଦ କରିଦେଇଥିଲେ।

ଖବରପାଇ କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ ଏକ ପୋଲିସ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି କେନ୍ଦ୍ର ମୁଖ୍ୟ ଫାଟକକୁ ଖୋଲିବା ସହ ଧାରଣାରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତେବେ ସେମାନେ ନିଜ ଦାବିରେ ଅଡ଼ି ବସିଥିଲେ। ଏପରିକି ମୃତ ସାବିଙ୍କ ସ୍ୱାମୀ ସୋନିଆ ମେଡିକାଲର ଜଣେ ଡାକ୍ତର ଚିକିତ୍ସା ପାଇଁ ୬ ହଜାର ଟଙ୍କା ମାଗିବା ଏବଂ ମେଡିକାଲରେ ରକ୍ତ ନଦେବା ଯୋଗୁଁ ସ୍ତ୍ରୀର ମୃତ୍ୟୁ ହେଲା ବୋଲି ଅଭିଯୋଗ କରିଥିଲେ । ଗର୍ଭବତୀକୁ ରକ୍ତ ଦିଆଯାଇ ନଥିବା ଘଟଣାକୁ କୋରାପୁଟ ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆ ଅସ୍ୱୀକାର କରିଛନ୍ତି। ଗର୍ଭବତୀଙ୍କୁ ତୁରନ୍ତ ରକ୍ତ ଦିଆଯାଇଛି। ତାଙ୍କ ସ୍ୱାମୀ ଖାତାରେ ଦସ୍ତଖତ ମାରି ରକ୍ତ ନେଇଥିବା ଡାକ୍ତର ପ୍ରକାଶ କରିଛନ୍ତି।

ସୂଚନାରୁ ଜଣାଯାଇଛି ଯେ ମସିପୁଟର ସାବି ଚେକଅପ ପାଇଁ କୋରାପୁଟ ମେଡିକାଲକୁ ସୋମବାର ପୂର୍ବାହ୍ନରେ ଆସିଥିଲେ। ମେଡିକାଲରେ ଯନ୍ତ୍ରଣା ହେବାରୁ ତାଙ୍କୁ ଏଠାରେ ଭର୍ତ୍ତି କରାଯାଇଥିଲା ଏବଂ ଡାକ୍ତର ତାଙ୍କର ପରୀକ୍ଷା କରି ଅପରେସନ କରିବା ପାଇଁ ସ୍ୱାମୀ ସୋନିଆଙ୍କୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଟଙ୍କା ଯୋଗାଡ଼ କରିବାକୁ କହିଥିଲେ । ସୋନିଆ ଟଙ୍କା ପାଇଁ ଗାଁକୁ ଯାଇଥିବାବେଳେ ଗର୍ଭବତୀଙ୍କ ଅଧିକ ଯନ୍ତ୍ରଣା ଯୋଗୁଁ ଅପରାହ୍ନରେ ଅପରେସନ କରାଯାଇଥିଲା । ଏଥିରେ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ତେବେ ପ୍ରସବ ପରେ ଅଧିକ ରକ୍ତସ୍ରାବ ଯୋଗୁ ମଙ୍ଗଳବାର ବଡିଭୋର୍‌ରୁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ଜିଲାପାଳ ହସ୍ତକ୍ଷେପ କରି ଏହି ମାମଲାରେ ଜଡ଼ିତ ଡାକ୍ତରଙ୍କ ବିରୋଧରେ ତଦନ୍ତ କରାଯିବା ନେଇ ପ୍ରତିଶ୍ରୁତି ଦେବା ସହ ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ । ପରେ ମୃତଦେହକୁ ଆମ୍ବୁଲାନସ ଯୋଗେ ମସିପୁଟ ପଠାଯାଇଥିଲା । ନବଜାତ ଶିଶୁକନ୍ୟା ମେଡିକାଲରେ ଥିବାବେଳେ ତାର ସ୍ୱାସ୍ଥ୍ୟ ଭଲ ରହିଛି।



ମୃତଦେହ ରଖି ପରିବାର ଓ ସମ୍ପର୍କୀୟ ଧାରଣା ଦେଇଛନ୍ତି ।

**ଉତ୍ତେଜନା**

- ■୬ ହଜାର ମାଗିଥିଲେ ଡାକ୍ତର, ରକ୍ତ ଦେଲେନି
- ■ସିଡିଏମ୍‌ଓଙ୍କୁ ଘେରିଲେ ପରିବାର ସମ୍ପର୍କୀୟ
- ■ମହିଳା-ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ବନ୍ଦକଲେ
- ■ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଲା ପ୍ରଶାସନ
- ■ସତ୍କାର ପାଇଁ ମିଳିଲା ୧୦ ହଜାର ଟଙ୍କା ସହାୟତା

# ମହିଳା ମହାବିଦ୍ୟାଳୟରେ ତାଲା ଠୁଙ୍କିଲେ ଛାତ୍ରୀ



କଲେଜ ଫାଟକରେ ତାଲା ପକାଇଛନ୍ତି ଛାତ୍ରୀମାନେ ।

ଜୟପୁର,୨୫।୯(ନି.ପ୍ର.)

ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଶତାଧିକ ଛାତ୍ରୀ ମଙ୍ଗଳବାର ହୋହାଲ୍ଲା କରିଛନ୍ତି। ବିଭିନ୍ନ ଦାବି ଉପସ୍ଥାପନ କରି ସେମାନେ ଏହି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଥିବା ବେଳେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଗେଟ୍ ବନ୍ଦ ରହିବ ବୋଲି ସେମାନେ କହିଛନ୍ତି। ବିଭିନ୍ନ ନିୟମ ଦେଖାଇ ପରୀକ୍ଷାରୁ ବଞ୍ଚିତ କରାଯିବା, ରହିବା ପାଇଁ ହଷ୍ଟେଲ, କଲେଜରେ ଭଲ ୱାସ୍‌ରୁମ୍ ଅଭାବ, ଠିକ୍ ଭାବେ ପାଠପଢ଼ା ହେଉନଥିବା, ସବୁଥିରେ ପାତର ଅନ୍ତର, ଛାତ୍ରୀଙ୍କୁ ଖରାପ ବ୍ୟବହାର ଭଳି ଅଭାବ ଅଭିଯୋଗ ରଖିଛନ୍ତି ଛାତ୍ରୀ। ଅନ୍ୟପକ୍ଷରେ ସେମାନଙ୍କ ଅଭିଯୋଗ ଆଧାରହୀନ ବୋଲି କଲେଜ ଅଧକ୍ଷା ମନୋରମା ଦେବୀ କହିଛନ୍ତି। କୌଣସି ସୂଚନା ନ ଦେଇ ସେମାନେ କଲେଜ ବନ୍ଦ କରିବା ନିୟମ ବିରୁଦ୍ଧ। କଲେଜର ନୀତି ନିୟମ ଭିତରେ ସମସ୍ତେ ରହିବା ଆବଶ୍ୟକ ବୋଲି ଅଧକ୍ଷା କହିଛନ୍ତି।

■ ଜବରଦଖଲ ଜାଗାରେ ଗୃହ ନିର୍ମାଣରୁ ଉତ୍ତେଜନା

# ବେଆଇନ ଘରକୁ ଭାଙ୍ଗିଲେ ଗାଁଲୋକେ

କୋରାପୁଟ,୨୫।୯(ସ୍ୱ.ପ୍ର.)

କୋରାପୁଟ ଷ୍ଟାଡିୟମ ନିକଟରେ ଥିବା ୧୨ ଏକର ସରକାରୀ ଜମିକୁ ଜବରଦଖଲ ଓ ସେଥିରେ ଗୃହ ନିର୍ମାଣକୁ ନେଇ ମଙ୍ଗଳବାର ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ କୁମ୍ଭା ଗ୍ରାମବାସୀ ଏହି ଜମିରୁ ଜବରଦଖଲକାରୀଙ୍କଠାରୁ ମୁକୁଳାଇବା ପାଇଁ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀ ପ୍ରଥମେ ଉପଜିଲାପାଳ କାର୍ଯ୍ୟାଳୟ ଯାଇଥିଲେ। କିନ୍ତୁ ସେଠାରେ ଉପଜିଲାପାଳ ଅନୁପସ୍ଥିତ ଥିବାରୁ ସେଠାରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଥିଲେ। ଘଟଣାର ସମସ୍ତ ତଥ୍ୟ ନେବାକୁ କୋରାପୁଟ ତହସିଲଦାର ନେହେରୁ ମାଝି ଓ ଟାଉନ ଥାନା ପୋଲିସକୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଦେଖି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ପୂଜାରିପୁଟ ନିକଟରେ ଥିବା କୋରାପୁଟ ଷ୍ଟାଡିୟମ ପାଇଁ ଜିଲା କ୍ରୀଡ଼ା ସଂଘ ଦଖଲରେ ଥିବା ପ୍ଲଟ ନଂ ୨୨୩ ଓ ୨୨୪ରେ ୨୩ ଏକର ୯୨ ସେଣ୍ଟ ଜମି ରହିଥିଲା। ୧୯୯୬ରେ ଷ୍ଟାଡିୟମ ନିର୍ମାଣ ପାଇଁ ସେଥିରୁ ପ୍ରାୟ ୧୨ ଏକର ଜମି ଦିଆଯାଇଥିଲା। ବଳକା ୧୨ ଏକର ଜମି ରହିଥିଲା । କିନ୍ତୁ ସଂଘର ଉଦାସୀନତା ଯୋଗୁଁ ଏହି ୧୨ ଏକର ସରକାରୀ ଜମିକୁ ସ୍ଥାନୀୟ ଜମି ମାଫିଆମାନେ ଜବରଦଖଲ କରି କିଛି ଜମିରେ ରାତାରାତି ଗୃହ ନିର୍ମାଣ କରିଥିବାବେଳେ ଅନ୍ୟ ଜମିକୁ ପ୍ଲଟରେ ପରିଣତ କରିଦେଇଥିଲେ । ନିଜର ପୂର୍ବପିଢ଼ିର ଏହି ଜମିକୁ କ୍ରୀଡ଼ାର ବିକାଶ ପାଇଁ ଦାନ ଦେଇଥିବା ବେଳେ ଏବେ ତାହାକୁ ଜମି ମାଫିଆ ଜବରଦଖଲରେ ନେଇଥିବା ଘଟଣା ଜାଣିବା ପରେ ସ୍ଥାନୀୟ କୁମ୍ଭା ଗ୍ରାମବାସୀ ଏହାକୁ ବରଦାସ୍ତ କରିନାହାନ୍ତି। ମଙ୍ଗଳବାର ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ ଓ କୋରାପୁଟ ତହସିଲଦାର ନେହେରୁ ମାଝି, ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଆରଆଇ ପ୍ରଭାକର ରାଓ ଓ ଜିଲା କ୍ରୀଡ଼ାସଂଘର ସଂପାଦକ ଅନୁପ ପାତ୍ର ସେଠାରେ ପହଞ୍ଚି ଏହାର ସ୍ଥିତି ପରଖିବା ସହ ଗ୍ରାମବାସୀଙ୍କୁ ଏହି ଘର ଭଙ୍ଗାଯିବା ପାଇଁ ଆଶ୍ୱାସନା ଦେଇଥିଲେ। କିନ୍ତୁ ଏଠାରେ ଥିବା ଶତାଧିକ କୁମ୍ଭା ଗ୍ରାମବାସୀ ନିର୍ମିତ ହୋଇଥିବା ଗୃହକୁ ପ୍ରାୟ ଅଧଘଣ୍ଟା ମଧ୍ୟରେ ଭାଙ୍ଗିଦେଇଥିଲେ । ଏହି ଜମି ଜବରଦଖଲ ଉଚ୍ଛେଦ ଏବଂ ଜମି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହି ଜମିରେ କୁମ୍ଭା ଗ୍ରାମବାସୀ ଚାଷ କରିବେ ବୋଲି ଚେତାବନୀ ଦେଇଛନ୍ତି।



କୁମ୍ଭା ଗ୍ରାମବାସୀ ବେଆଇନ ନିର୍ମାଣକୁ ଭାଙ୍ଗୁଛନ୍ତି ।

# ଅନଶନରେ ଗ୍ରାମୀଣ ଡାକସେବକ



ଧାରଣାରେ ବସିଛନ୍ତି ଗ୍ରାମୀଣ ଡାକସେବକ ।

ଜୟପୁର,୨୫।୯(ନି.ପ୍ର.)

ଜୟପୁର ଡିଭିଜନ କାର୍ଯ୍ୟାଳୟ ଆଗରେ ଗ୍ରାମୀଣ ଡାକ ସେବକ ସଂଘ ଦିନିକିଆ ଅନଶନରେ ବସିଛି। ଆଇପିପିବି କାର୍ଯ୍ୟକୁ କମିଶନ ଆକାରରେ ନନେଇ କାର୍ଯ୍ୟ ସମୟ ସୀମାକୁ ୮ ଘଣ୍ଟା କରିବା, ଜିଡିଏସ୍ କମିଟି ରିପୋର୍ଟକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରି ୨୦୧୬ରୁ ପିଛିଲା ଭାବେ ଲାଗୁ କରିବା, ଏରିୟର ପୁନର୍ବାର ନିର୍ଦ୍ଧାରଣ, ଚାକିରି କାଳ ୧୨, ୨୪, ୩୬ ବର୍ଷ ଅନୁସାରେ ପଦୋନ୍ନତି, ପିଲାଙ୍କ ଶିକ୍ଷା ବାବଦକୁ ୬ ହଜାର ଲାଗୁ, ଗ୍ରାଚ୍ୟୁଇଟି ବୃଦ୍ଧିକରି ୫ ଲକ୍ଷ କରିବା, ମାସର ଶେଷ ଦିନରେ ଅବସର, ସ୍ୱେଚ୍ଛାକୃତ ଅବସରକୁ ଜିଡିଏସ୍‌ଙ୍କୁ ଲାଗୁ କରିବା ଭଳି ୧୫ ଦଫା ଦାବି ନେଇ ସେମାନେ ଅନଶନରେ ବସିଛନ୍ତି। କୋରାପୁଟ ଡିଭିଜନ ଜାତୀୟ ଗ୍ରାମୀଣ ଡାକସେବକ ସଂଘ ମଣ୍ଡଳ ସମ୍ପାଦକ ସହଦେବ ହରିଜନ, ଅଖିଳ ଭାରତୀୟ ଗ୍ରାମୀଣ ଡାକସେବକ ସଂଘ ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସାହୁ ନେତୃତ୍ୱରେ ଏହି ଅନଶନ ଚାଲିଛି।

## ଜୟପୁର ସହରକୁ ଅଶାନ୍ତ କଲା ଗୁଳିମାଡ଼



ଜୟପୁର ସହରରେ ଗୁଳିମାଡ଼ ଘଟଣା ପରେ ରଥପଡ଼ିଆ ଛକରେ ପୋଲିସ ଓ ସ୍ଥାନୀୟ ଜନତା ରୁଣ୍ଡ ହୋଇଛନ୍ତି ।



ଘଟଣାସ୍ଥଳରୁ ମିଳିଥିବା ପିସ୍ତଲର ମ୍ୟାଗ୍‌ଜିନ୍ ଓ ବୁଲେଟ ।



ଇଟାମାଡ଼ରେ ଆହତ ହୋଇଥିବା ନରେନ୍ଦ୍ର ନାୟକ ।

# ଅସଜଡ଼ା ଟ୍ରାଫିକ: ପଦକ୍ଷେପ ନେଉନି ପୌରସଂସ୍ଥା

ଜୟପୁର,୨୫।୯(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରର ମୁଖ୍ୟରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୌରସଂସ୍ଥା ଏ ଦିଗରେ ପଦକ୍ଷେପ ନନେଇ ପୋଲିସ ଉପରେ ନିର୍ଭର କରୁଛି। ଜୟପୁର ସଚେତନ କମିଟି ଏଭଳି ଅବ୍ୟବସ୍ଥା ପାଇଁ ମଙ୍ଗଳବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛି। ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ବେଆଇନ ଫୁଟପାଥ ଦୋକାନ, ବ୍ୟାଙ୍କ, ସପିଙ୍ଗ ମଲ୍, ହୋଟେଲ ସହ ପାର୍କିଂ ପାଇଁ ଜବରଦଖଲ ହୋଇଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ଏହିପରି ଦୋକାନଗୁଡ଼ିକୁ ପୌରସଂସ୍ଥା ମନଇଚ୍ଛା ଅନୁମତି ଦେଇ ଟ୍ରାଫିକ ପରିଚାଳନା ଦାୟିତ୍ୱ ପୋଲିସର ଦାୟିତ୍ୱ କହି ଚୁପ୍ ବସିଛି ପୌରସଂସ୍ଥା। ରାସ୍ତାପାର୍ଶ୍ୱରେ ଥିବା ପାର୍କିଂ ଓ ଜବରଦଖଲରେ ଥିବା ଦୋକାନ ତୁରନ୍ତ ଉଚ୍ଛେଦ କରିବା ପାଇଁ କମିଟି ଦାବି କରିଛି। ଏହାର ସ୍ଥାୟୀ ସମାଧାନ ପାଇଁ ୨୦୦୯ରେ ସହରର ମଧ୍ୟଭାଗରେ ୨/୩ ଚକିଆ ଯାନର ପାର୍କିଂ ବ୍ୟବସ୍ଥା କରାଯାଇଥିଲା । ଏହାସହ ପୂର୍ତ୍ତ ବିଭାଗ ମେସିନ ମାଧ୍ୟମରେ ରାସ୍ତାକୁ ୨ ଭାଗ ଓ ସାଧାରଣ ଲୋକଙ୍କ ଚଲା ରାସ୍ତା ପାଇଁ ପେଣ୍ଟ କରାଇଥିଲା। ଜୟପୁର ସହରର ଅସଜଡ଼ା ଟ୍ରାଫିକକୁ ନିୟନ୍ତ୍ରଣ କରିବା ପାଇଁ ଉପଜିଲାପାଳ, ପୋଲିସ ଓ ପୌରପାଳିକାର ଭୂମିକା ରହିଛି । ପୌରସଂସ୍ଥା ଏ ଦିଗରେ ବିଶେଷ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି। ଏହି ଅବସରରେ କମିଟି ସଭାପତି ଭଜନ ସିଂ, ବିରେନ ପଟ୍ଟନାୟକ, ଦାମୋଦର ରଣା, ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ଅନି ପଟ୍ଟନାୟକ ଉପସ୍ଥିତ ଥିଲେ।

■ ଭତ୍ତା, ଆବାସ କାର୍ଯ୍ୟାଦେଶ ବାଣ୍ଟିଲେ ବିଧାୟକ

# ବିଡିଓଙ୍କ ନାଁରେ ଫେରାଦ ହେଲେ ଲୋକ ପ୍ରତିନିଧି

ପଟ୍ଟାଙ୍ଗି,୨୫।୯(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଙ୍ଗଳବାର ଭତ୍ତା ଓ କାର୍ଯ୍ୟାଦେଶ ବାଣ୍ଟିଛନ୍ତି ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ପାଙ୍ଗି। ବ୍ଲକର ଗାଙ୍ଗରାଜପୁର, ମାଳିପୁଟ, ପଟ୍ଟାଙ୍ଗି, ରାଲେଗଡ଼ା, ସୁଙ୍କି, ଚନ୍ଦକା ଓ ସମ୍ପାଇ ପଞ୍ଚାୟତର ୧୨୭ ଜଣ ହିତାଧିକାରୀଙ୍କୁ ନୂତନ ଭାବେ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି। ୧୪ଟି ପଞ୍ଚାୟତର ୪୧୦ ହିତାଧିକାରୀଙ୍କ ପାଇଁ ୨ ଲକ୍ଷ ୫୧ ହଜାର ୨୦୦ ଟଙ୍କା ମଞ୍ଜୁର ହୋଇଛି। ତେବେ ବ୍ଲକର ସମସ୍ତ ହିତାଧିକାରୀଙ୍କୁ ଡକା ନଯାଇ କେବଳ ୭ଟି ପଞ୍ଚାୟତର ହିତାଧିକାରୀଙ୍କୁ କାହିଁକି ଡକାଗଲା ବୋଲି ନୂଆଗାଁ ସମିତିସଭ୍ୟ ଜି. ଉମା ମହେଶ୍ୱର ରାଓ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ କାର୍ଯ୍ୟକ୍ରମରେ କିଛି ସମୟ ଧରି କଥା କଟାକଟି ହୋଇଥିଲା। ବ୍ଲକର ୧୧ ଜଣ ହିତାଧିକାରୀଙ୍କୁ ବିଜୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ଅବସରରେ ବ୍ଲକର ସବୁ ପଞ୍ଚାୟତରେ ବିଜୁ ଯୁବବାହିନୀର ୩୦୯ କର୍ମୀଙ୍କୁ ବିଧାୟକ ସାର୍ଟ ଓ ଟୋପି ପ୍ରଦାନ କରିଥିଲେ। କେତେକ ବିଜେଡି କର୍ମୀଙ୍କ ସମେତ ବିଧାୟକ ପ୍ରତିନିଧି ନାଗେଶ ଚୌଧୁରୀ ଓ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ପଡାଲ ବିଡିଓଙ୍କ କାର୍ଯ୍ୟଧାରା ଉପରେ ଅସନ୍ତୋଷ ପ୍ରକାଶ କରି ପଦକ୍ଷେପ ନେବା ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି ଓ ବିଧାୟକ ପାଙ୍ଗିଙ୍କ ନିକଟରେ ଦାବି କରିଥିଲେ। ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ ମଧ୍ୟ ବିଡିଓଙ୍କ ଅନ୍ୟତ୍ର ବଦଳି ପାଇଁ ହୋହାଲ୍ଲା କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦ୍ମା ଖରା, ବିଏସ୍ଏସ୍ଓ ସୌଦାମିନୀ ପ୍ରଧାନ, ପିଇଓ ଦିବାକର ପୁରୋହିତ, ଦୁଃଶାସନ ନାୟକ, କିରାଣି ଗୋବିନ୍ଦ ନାଉଡ଼ିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ବିଧାୟକ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୨୬/୨୦୧୮ Rayagada, Wednesday, September 26/ 2018

## ସଂକ୍ଷେପରେ

### ବିଜ୍ଞାନ ପାଠଚକ୍ର



ଝରିଗାଁ,୨୫।୯(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ଆଦର୍ଶ ବିଦ୍ୟାଳୟ ଠାରେ ବିଜ୍ଞାନ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର ତଥା ଲୋକମାନଙ୍କ ମଧ୍ୟରେ ବିଜ୍ଞାନର ତାତ୍ପର୍ଯ୍ୟ ଏବଂ ଦୈନନ୍ଦିନ କାର୍ଯ୍ୟକାରିତା କଣ ରହିଛି ଏବଂ ଲୋକମାନଙ୍କ ମଧ୍ୟରେ ବିଜ୍ଞାନ ଚିନ୍ତାଧାରା କିପରି ସୃଷ୍ଟି କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାପାଇଁ କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଏଥିରେ ମୁଖ୍ୟ ଆଲୋଚକ ଭାବେ ବିଜ୍ଞାନ ଚେତନା ମଞ୍ଚ ତରଫରୁ ସୁବାଷ ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ମାଧବ ମେହେର ଏବଂ ଗଣିତ ଶିକ୍ଷକ ସୁଶେନ ଡାଲି ବୈଜ୍ଞାନିକ ମନୋବୃତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମୋତିସିଂ ମାଝୀ, ମନୋଜ ନାୟକ, ମଧୁସ୍ମିତା ମାଳି, ରାଜୁ ହରିଜନ, ମନୋଜ ବେହେରା ପ୍ରମୁଖ ରହି ପରିଚାଳନା କରିଥିଲେ।

# ନବରଙ୍ଗପୁରରେ ହେବ ବିଜେଡିର ମହିଳା ସମାବେଶ

**ନବରଙ୍ଗପୁର,୨୫।୯(ବି.ପ୍ର.)–** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ନବରଙ୍ଗପୁର ଜିଲାର ନବରଙ୍ଗପୁର, ଝରିଗାଁ, ଉମରକୋଟ ଓ ଡାବୁଗାଁ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଗାମୀ ଦିନରେ ମହିଳା ସମାବେଶ କରାଯିବ ବୋଲି ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ଜିଲା ସାଙ୍ଗଠାନିକ ସମ୍ପାଦକ ପ୍ରମୋଦ ପାଢ଼ୀ ଓ ରାଜ୍ୟ ଉପସଭାନେତ୍ରୀ ନିବେଦିତା ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସମାବେଶ ପାଇଁ ଦିନ ଧାର୍ଯ୍ୟ ହୋଇ ନାହିଁ ଏବଂ କେଉଁ ସ୍ଥାନରେ ଏହା କରାଯିବ ତାହା ପରବର୍ତ୍ତି ସମୟରେ ସୂଚନା ଦିଆଯିବ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ବିଜେଡି ସରକାର ମହିଳାମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ଲୋକଲୋଚନକୁ ଅଣାଯିବ । ବ୍ଲକ ପଞ୍ଚାୟତ ଓ ୱାର୍ଡ ସ୍ତରରେ ମହିଳା ସଙ୍ଗଠନକୁ ସୁଦୃଢ଼



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ।

- **ତୃଣମୂଳ ସ୍ତରରେ ମହିଳା ସଙ୍ଗଠନ ଦୃଢ଼ୀକରଣ ପାଇଁ ସଜବାଜ**
- **ଜିଲା ଓ ବ୍ଲକ ସ୍ତରୀୟ ମହିଳା ସଙ୍ଗଠନ କର୍ମକର୍ତ୍ତା ଘୋଷଣା**
- **ଜିଲାର ୪ ନିର୍ବାଚନମଣ୍ଡଳୀରେ ପର୍ଯ୍ୟାୟକ୍ରମେ କରାଯିବ ସମାବେଶ**

କରାଯିବ ବୋଲି ଜଣାଇଛନ୍ତି । ଜିଲା ସଭାନେତ୍ରୀ ନବୀନା ନାୟକ ଜିଲା ଓ ବ୍ଲକ ସ୍ତରୀୟ ମହିଳା ସଙ୍ଗଠନ କର୍ମକର୍ତ୍ତା ଘୋଷଣା କରିଥିଲେ । ୭ ଜଣ ଉପସଭାନେତ୍ରୀଭାବେ ଜିଲାପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଲକ୍ଷ୍ମୀ ସାନ୍ତା, ମଞ୍ଜୁଳା ନାୟକ, ଜୟନ୍ତୀ ଧରୁଆ, ଚମ୍ପାପୂଜାରୀ, ମମତା ଭତ୍ରା, ଜେମା ହରିଜନଙ୍କ ନାମ ଘୋଷଣା କରିଥିଲେ । ସେହିଭଳି ସାଧାରଣ ସମ୍ପାଦକ ବେବିନା ଧଳ, ସମ୍ପାଦକ ଶୁକ୍ରୀ ଭତ୍ରା, ସିମାରାଣି ମଣ୍ଡଳ, ଫୁଲମା ଭତ୍ରା, ଗୌରି ଗୌଡ, ମମତା ସରକାର, ତନୁଜା ପନକା, ନିଳେନ୍ଦ୍ରୀ ଗୌଡ ଓ ପ୍ରମିଳାଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି କୋଷାଧକ୍ଷ ଭାବେ ଚନ୍ଦ୍ରକଳାଙ୍କ ନାମ ଘୋଷଣା କରିଛନ୍ତି । ୧୦ଟି ବ୍ଲକରେ ସଭାନେତ୍ରୀଙ୍କ ମଧ୍ୟ ନାମ ଘୋଷଣା କରିଥିଲେ । ସେମାନେ ହେଲେ ରାଇଘର ବ୍ଲକ ପାଇଁ ଟିକେଶ୍ୱରୀ ଗଣ୍ଡ, ଝରିଗାଁ ଲଛମା ଗଣ୍ଡ, ଚନ୍ଦାହାଣ୍ଡି ଦୌପଦି ସୋରୀ, ଉମରକୋଟ ପଦ୍ମିନୀ ମାଳି ଓ ଯମୁନା ଜାନୀ, ଡାବୁଗାଁ ହିରାଦେବୀ ହରିଜନ, ପାପଡାହାଣ୍ଡି ସୁଜାତା ନାୟକ, କୋଷାଗୁମୁଡା ଉମାଦେବୀ ନାୟକ, ନବରଙ୍ଗପୁର କୈକେଇ ରନ୍ଧାରୀ, ନନ୍ଦାହାଣ୍ଡି ଚମ୍ପାନାୟକ, ତେନ୍ତୁଳିଖୁଣ୍ଟି ପ୍ରଭାତି କନ୍ଧ, ଉମରକୋଟ ପୌରାଞ୍ଚଳ ମିନା ହରିଜନ ଓ ନବରଙ୍ଗପୁର ପୌରାଞ୍ଚଳ ପାଇଁ ରଶ୍ମିତା ଦାଶଙ୍କୁ ମନୋନୀତ କରାଯାଇଥିବା ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜନଜାତି ଉନ୍ନୟନ ପରିଷଦ ଉପାଧକ୍ଷା ମଞ୍ଜୁଳା ମାଝୀ, ଉମରକୋଟ ବିଧାୟକ ସୁବାଷ ଗଣ୍ଡ, ନବରଙ୍ଗପୁର ନଗର ବିଜେଡି ସଭାପତି ପ୍ରମୋଦ ରଥ ଓ ପ୍ରଣବ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଫେଲ ଦୁର୍ନୀତି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଯୁବକଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

**ନବରଙ୍ଗପୁର,୨୫।୯(ଡି.ଏନ.ଏ.)** ନବରଙ୍ଗପୁର କଂଗ୍ରେସ ଭବନ ସମ୍ମୁଖ ତଥା ୨୬ ନମ୍ବର ଜାତୀୟ ରାଜପଥ ଉପରେ ଯୁବ କଂଗ୍ରେସ କମିଟି ପକ୍ଷରୁ ରାଫେଲ ଯୁଦ୍ଧବିମାନ ଦୁର୍ନୀତି ଓ ତୈଳଦରବୃଦ୍ଧି ପ୍ରତିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଭାଜପା ସରକାରଙ୍କୁ ସମାଲୋଚନା କରିବା ସହ ଦେଶର ରାଜକୋଷରୁ ଅର୍ଥ ବରବାଦ କରାଯାଉଛି । ତୈଳ ଦର ବୃଦ୍ଧି ଲାଗି ସାଧାରଣ ଖାଉଟି ସାମଗ୍ରୀ ବୃଦ୍ଧି ସହ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ କଂଗ୍ରେସ ପକ୍ଷରୁ ନାରାବାଜୀ କରାଯାଇଥିଲା । ଜିଲା ସଭାପତି ମୁନା ତ୍ରିପାଠୀ, ପୂର୍ବତନ ଏମପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ସାଧାଣର ସମ୍ପାଦକ ପ୍ରଦୀପ ସାହୁ, ଯୁବକଂଗ୍ରେସ ସଭାପତି ଅବଦୁଲ ଫିରୋଜ, ସମ୍ପାଦକ ତାଜ ଇମ୍ରାନ ସାରିଫ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ଦିଲ୍ଲିପ ବେହେରା, ପିସିସି ସାଧାରଣ ସମ୍ପାଦକ ସରୋଜ ପାତ୍ର, ଜିଲା ଆଦିବାସୀ ସଭାପତି ଅଖିଳ ଭତ୍ରା, ପୂର୍ବତନ ବିଧାୟକ ସଦନ ନାୟକ, ସମେତ ବହୁ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ ପାଳିତ

**ନବରଙ୍ଗପୁର,୨୫।୯(ବି.ପ୍ର.)** ନବରଙ୍ଗପୁର ସ୍ଥିତ ଗୋବିନ୍ଦାଳୟ ଠାରେ ପଣ୍ଡିତ ଦୀନଦୟାଲଙ୍କଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆଇନଜୀବୀ ସଙ୍ଘର ସଭାପତି ନରସିଂହ ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୁବ୍ରତ ମିଶ୍ର ମୁଖ୍ୟବକ୍ତା, ପୋଲିସ ଓ କନେଷ୍ଟବଳ ସଂଘର ସଭାପତି ଗୌରୀ ଶଙ୍କର ମାଝି, କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡିଂ କାଉନସିଲ ସଭ୍ୟ ମୃତ୍ୟୁଞ୍ଜୟ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ । ଯୁବନେତା ଅନନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ଅତିଥି ମାନେ ପଣ୍ଡିତ ଦୀନ ଦୟାଲଙ୍କ ଜୀବନୀ ଉପରେ ଆଲୋକ ପାତ କରିବା ସହ ତାଙ୍କ ବାଣୀକୁ ପାଥେୟ କରି ଯୁବପୀଢ଼ୀ ଜନମାନସରେ ସହାୟକ ହେବା ଓ ଜୀବନରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହର ସ୍ଥିତ ବହୁ ଯୁବତୀ ଯୁବକମାନେ ଯୋଗ ଦେଇଥିଲେ ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ମନୁଷ୍ୟକୁ କେବଳ ତିନୋଟି ଉପାଧି ଦିଆଯାଇପାରେ - ଶହୀଦ, ବୀର ଓ ସନ୍ଥ । ଏହା ବ୍ୟତୀତ ଆଉ ଯେତେ ଉପାଧି ସେଗୁଡିକ କିଛି ନୁହେଁ।
- ୱିଲିୟମ ଇ-ଗ୍ଲାଡ୍‌ଷ୍ଟୋନ୍



## ସଂକ୍ଷେପରେ

### ପୁଣି ୨୭ ଯାଏଁ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଗୁଣପୁର,୨୫।୯(ଡି.ଏନ.ଏ):** କଟକର ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ଆକ୍ରମଣକୁ ପ୍ରତିବାଦ କରି ଓଡିଶା ବାର ଆସୋସିଏଶନ ଏବଂ ହାଇକୋର୍ଟ ବାର ଆସୋସିଏଶନ କାର୍ଯ୍ୟବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଏପରି ଘଟଣାକୁ ନେଇ ରାୟଗଡା ଜିଲା ଗୁଣପୁର ଓକିଲ ସଂଘ ପକ୍ଷରୁ ବିଭିନ୍ନ ସମୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ପୁଣି ୨୭ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ହୋଇ ଉକ୍ତ ଘଟଣାକୁ ନିନ୍ଦା କରାଯିବା ସହ କାର୍ଯ୍ୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିଛି ଦିନ ହେଲା ବିଭିନ୍ନ ପର୍ଯ୍ୟାୟରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ମହକିଲମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।

### ୧୦୧ ବର୍ଷିଆନ ବୃଦ୍ଧାଙ୍କ ମୃତ୍ୟୁ

**ଗୁଣପୁର,୨୫।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଚର୍ଚ୍ଚ କ୍ୟାମ୍ପସରେ ରହୁଥିବା ବର୍ଷିଆନ ବୃଦ୍ଧା ମିସମାଙ୍କ ୧୦୧ ବର୍ଷରେ ସୋମବାର ରାତିରେ ମୃତ୍ୟୁ ହୋଇଛି। ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସେଡେନମାର୍କ ଅଞ୍ଚଳରୁ ଆସି ଗୁଣପୁରଠାରେ ଚର୍ଚ୍ଚ କ୍ୟାମ୍ପସରେ ରହୁଥିଲେ। କିଛି ଦିନ ହେବ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଥିଲା। ସେ ବିଷମକଟକଠାରେ ଚିକିତ୍ସିତ ହେବା ପରେ ଗୁଣପୁର ଫେରିଥିଲେ। ଶୋକାକୁଳ ପରିବେଶରେ ତାଙ୍କୁ ମଙ୍ଗଳବାର କବର ଦିଆଯାଇଛି।

### ବିଦ୍ୟୁତ୍ ଆଘାତରେ ମିସ୍ତ୍ରିଙ୍କ ମୃତ୍ୟୁ

**ଗୁଣପୁର,୨୫।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳରେ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ହେଲେ ମିସ୍ତ୍ରି କାମ କରୁଥିବା ପ୍ରଣୟ ଜେନା। ମଙ୍ଗଳବାର ଜଲତାର ଗ୍ରାମର ପ୍ରଣୟ ପୁଟାସିଂ ଅଞ୍ଚଳରେ ମିସ୍ତ୍ରି କାମ କରୁଥିଲେ। କାମ କରିବା ସମୟରେ ସେ ବିଦ୍ୟୁତ ସଂସର୍ଶରେ ଆସି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଶ୍ରୀକାକୁଲମ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଟାସିଂ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କୀଟନାଶକ ପାଟିରେ ଛିଟ୍‌କି ପଡ଼ିବାରୁ ନାବାଳକ ମୃତ

**ଗୁଣପୁର,୨୫।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତ ଭୁଲୁଷୁଣ୍ଡା ଗ୍ରାମରେ କିଟ ନାଶକ ଔଷଧ ସଂସ୍ପର୍ଶରେ ଆସି ମଙ୍ଗଳବାର ଜୈନକ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାବୁଲା ଶବର(୧୬)। ଅପରାହ୍ନରେ ବାବୁଲା କପା ବାଡରେ କିଟ ନାଶକ ଔଷଧ ପକାଇବା ପାଇଁ ଘାଣ୍ଟୁ ଥିଲେ। ଏହି ସମୟରେ କିଛି କୀଟନାଶକ ଛିଟ୍‌କି ତାଙ୍କ ପାଟିରେ ପଡି ଯାଇଥିଲା। ଗୁରୁତର ଅବସ୍ଥାରେ ସନ୍ଧ୍ୟାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

### ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ରାୟଗଡା ଅଫିସ୍, ୨୫।୯:** ରାୟଗଡା ସହରରେ ଥିବା ସଂସ୍କୃତି ଭବନ ପରିସରରେ ବରିଷ୍ଠ ଖବରଦାତା ସୁବାସ ପଣ୍ଡା ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଗୁହା ପୁନମ ତାପସ କୁମାର, ରାୟଗଡା ଉପଜିଲାପାଳ ପ୍ରବୀର କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଜିଲାର ସମସ୍ତ ଖବରଦାତା, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହିତ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୫ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ଜୟରାମ ଜେନା, ଆଇନ୍‌ଜୀବୀ ଲାବଣ୍ୟମୋହନ ପଟ୍ଟନାୟକ, ବରିଷ୍ଠ ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୯୬ ହଜାର ଟଙ୍କା ଜରିମାନା ଆଦାୟ

ରାୟଗଡା ଅଫିସ, ୨୫।୯(ଡି.ଏନ୍.ଏ.)



ଯାନବାହନ ଯାଞ୍ଚ କରାଯାଉଛି ।

ରାୟଗଡା ଜିଲା ଏସ୍‌ପି ରାହୁଲ ପିଆର୍‌ଙ୍କ ନିର୍ଦ୍ଦେଶ କ୍ରମେ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ସୋମବାରଠାରୁ ସହରରେ ଯାନବାହନ ଯାଞ୍ଚ କରାଯାଉଛି। ୨୮୫ଟି ଗାଡ଼ି ଯାଞ୍ଚ କରାଯାଇଥିବା ବେଳେ ୯୬ ହଜାର ୮ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିସହ ୫ଟି ଗାଡ଼ି ଜବତ କରାଯାଇଛି । ୬ ବାଇକ୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରି ଦିଆଯାଇଛି । ୫ ଗାଡ଼ି ମାଲିକଙ୍କୁ ଏମଭିଟିଆର ଦିଆଯାଇଛି । ସହରର କୋରାପୁଟ ଛକ, ସାଇ ଇଣ୍ଟର ନ୍ୟାଶନାଲ ଛକ, ପିଡବ୍ଲ୍ୟୁଡି ଛକ, ଆମ୍ବେଡକର ଆଦି ଛକରେ ଏହି ଯାଞ୍ଚ କରାଯାଇଥିଲା। ଟ୍ରାଫିକ ନିୟମ ଉଲ୍ଲଂଘନ, ନିଶା ସେବନ କରି ଗାଡି ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରୁଥିବା ଚାଳକଙ୍କ ସମେତ ଗାଡିର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚ ବେଳେ

**ଗାଡିମୋଟର ଯାଞ୍ଚ**

ରାୟଗଡା ଏସ୍‌ଡିପିଓ ରାଜ କିଶୋର ଦାସ, ଆର୍‌ଟିଓ ଦିଲୀପ କୁମାର ଦଳେଇ, ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା, ମୋଟର ଭେଇକିଲ୍ ଇନ୍ସପେକ୍ଟର ହୃଷୀକେଶ ନାୟକ, ଟ୍ରାଫିକ ଇନ୍ସପେକ୍ଟର ଯୁଧିଷ୍ଠିର ଲେଙ୍କା, ଏସ୍‌ଆଇ ଚନ୍ଦ୍ର ଶେଖର ଜେନା, କେ. ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଗୁଣପୁରରୁ ପୁରୀକୁ ଚାଲିବ ଟ୍ରେନ

**ଗୁଣପୁର,୨୫।୯(ଡି.ଏନ.ଏ)**

ଦୀର୍ଘ ୧୬ ଦିନ ଧରି ପୁରୀ-ଗୁଣପୁର ଏବଂ ଗୁଣପୁର-ପୁରୀ ଟ୍ରେନ ଚଳାଚଳ ବନ୍ଦ ରହିଥିଲା । ବୁଧବାରଠାରୁ ଏହା ପୁଣି ପୂର୍ବଭଳି ନିର୍ଦ୍ଧାରିତ ସମୟ ମୁତାବକ ଚଳାଚଳ କରିବ । ପ୍ରଥମ ପର୍ଯ୍ୟାୟରେ ଗୁଣପୁରକୁ ଆସୁଥିବା ବିଭିନ୍ନ ଟ୍ରେନ ଯଥା ଗୁଣପୁର-ପୁରୀ,ପୁରୀ -ଗୁଣପୁର ଏବଂ ପଲାସା -ଗୁଣପୁର , ଗୁଣପୁର - ପଲାସା ଏପରି ଦୁଇ ଯୋଡା ଟ୍ରେନ ୧୦ ଯଥା ୧୯ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୫ ତାରିଖ ପର୍ଯ୍ୟନ୍ତ ଏପରି ମୋଟ ୧୬ ଦିନ ଧରି ଟ୍ରେନ ଚଳାଚଳ ବନ୍ଦ ରହିଥିଲା । ରେଳ ଚଳାଚଳ ବନ୍ଦ ରହିବା ଯୋଗୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯାତ୍ରୀମାନେ ବହୁ ହଇରାଣ ହରକତର ସମ୍ମୁଖୀନ ହୋଇଥିଲେ । ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଏବଂ ବିଶାଖାପାଟଣାର ଡିଆରଏମଙ୍କୁ ଦାବି ଜଣାଯାଇଥିଲା । ଶେଷରେ ରେଳବିଭାଗ ଏ ଦିଗରେ ତତ୍ପରତା ଦେଖାଇ ଗତ ୧୬ ତାରିଖଠାରୁ ଗୁଣପୁର-ପୁରୀ ଟ୍ରେନକୁ ସାମୟିକ ଭାବେ ବ୍ରହ୍ମପୁର ପର୍ଯ୍ୟନ୍ତ ଚଳାଚଳ କରିଥିଲେ । ପ୍ରଥମେ ବିଶାଖାପାଟଣା ନିକଟ କତାଭାଲସାଠାରେ ସିଗ୍‌ନାଲିଂ ମରାମତି କାର୍ଯ୍ୟ ପାଇଁ ଗୁଣପୁରକୁ ଆସୁଥିବା ଟ୍ରେନଗୁଡିକ ବନ୍ଦ ରହିବ ବୋଲି କୁହାଯାଇଥିଲା । ସେହିପରି ୨ୟ ପର୍ଯ୍ୟାୟରେ ପୁରୀ ଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ଉପରୋକ୍ତ ଟ୍ରେନଗୁଡିକ ଚଳାଚଳ ବନ୍ଦ ହେବ ବୋଲି ପୂର୍ବତଟ ରେଳ ବିଭାଗ ପକ୍ଷରୁ ସ୍ଥିର ହୋଇଥିଲା ।

# ଜୋରସୋରରେ ଚାଲିଛି ଦୁର୍ଗାପୂଜା ପ୍ରସ୍ତୁତି

ଜେକେପୁର,୨୫।୯(ଡି.ଏନ.ଏ)



ତୋରଣ ନିର୍ମାଣ କାମ ଜୋରସୋରରେ ଚାଲିଛି ।

ରାୟଗଡା ଜିଲା ଜେକେପୁରସ୍ଥିତ ଜେକେ କାଗଜକଳ ଦୁର୍ଗାପୂଜା କମିଟି ପକ୍ଷରୁ ପୂଜାମଣ୍ଡପ ପଡିଆରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଗତ ୧୫ତାରିଖରେ ଏକ ପ୍ରସ୍ତୁତି ବୈଠକ ବସି ପୂଜା ମଣ୍ଡପ ପଡିଆରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହାପରେ ପୂଜା ମଣ୍ଡପ ପାଇଁ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଦୁର୍ଗାପୂଜାରେ ଆସନ୍ତା ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ସୂଚନା ଦେଇଛି। ପ୍ରତିବର୍ଷ ପରି ଧୁମଧାମରେ ପୂଜା ପାଳନ କରାଯିବା ନେଇ କମିଟି ଅଧକ୍ଷ ତଥା କମ୍ପାନୀ କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୂରୀ କହିଛନ୍ତି। କମିଟି ସମ୍ପାଦକ ମୁନ୍ନା କୁମାର, ଯୁଗ୍ମ ସମ୍ପାଦକ ଏନ.କେ.ଜୈନ, ଉପଦେଷ୍ଟା ବୋର୍ଡର ସଦସ୍ୟ ବିଶ୍ୱଜିତ ଦ୍ୱିବେଦୀ, ସି.ଆର.ମହାନ୍ତି ପ୍ରମୁଖ ପୂଜା ପରିଚାଳନାରେ ସମସ୍ତ ସହଯୋଗ କରିବେ ବୋଲି ଜେକେ କାଗଜକଳର ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ କହିଛନ୍ତି।

# ଜେକେପୁରରେ ଡେଙ୍ଗୁ ଆତଙ୍କ, ୭ ଆକ୍ରାନ୍ତ

**ଜେକେପୁର, ୨୫।୯ (ଡି.ଏନ୍.ଏ.)**

ଜେକେପୁରରେ ଡେ଼ଙ୍ଗୁରେ ୭ ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଗନ୍ନାଥ ମନ୍ଦିର ନିକଟ ପଣ୍ଡା କଲୋନୀରେ ରହୁଥିବା ସକୁନ୍ତଳା ନାଏକ (୫୫) ତାଙ୍କ ପୁଅ ଚନ୍ଦନ ନାଏକ (୩୨), ବୋହୂ ମୋନାଲିସା ନାଏକ (୨୮) ଓ ନାତି ଆରିଅନ୍ ନାୟକ (୪) ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ଇଏସ୍‌ଆଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ସକୁନ୍ତଳା କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ମୋନାଲିସା ଓ ଆରିଅନ୍ ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଚନ୍ଦନ ଦିଲ୍ଲୀସ୍ଥିତ ଡିଫେନ୍ସ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ଶିକ୍ଷକ ପ୍ରକାଶ ପାତ୍ର ଓ ପତ୍ନୀ ସୁକାନ୍ତି ପାତ୍ର ଏବଂ ରମେଶ ଜୋଜା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି । ପ୍ରକାଶଥାଉକି, କିଛିଦିନ ପୂର୍ବେ ଜିଲାରେ ଜଣେ ରୋଗୀ ମୃତ୍ୟୁବରଣ କରିଛନ୍ତି।

# ଯବାନଙ୍କ ପକ୍ଷରୁ ସହର ସଫେଇ




ଯବାନମାନେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କରାଯାଉଛି।

**ମୁନିଗୁଡା, ୨୫।୯(ଡି.ଏନ୍.ଏ.)**

ରାୟଗଡା ଜିଲା ମୁନିଗୁଡାଠାରେ ଅବସ୍ଥାପିତ ଅଷ୍ଟମ ବାଟାଲିୟନ ସିଆରଏଫ ଯବାନମାନଙ୍କ ଦ୍ୱାରା ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁନିଗୁଡା ୮ମ ବାଟାଲିୟନ ସିଆରଏଫ କମାଣ୍ଡେଣ୍ଟ ଏନ.କେ ସିଂ ଓ ଡେପୁଟି କମାଣ୍ଡାଣ୍ଟ ବୃଷବ ମେହେରଙ୍କ ମିଳିତ ନେତୃତ୍ୱରେ ସେକେଣ୍ଡ ଇନ କମାଣ୍ଡାଣ୍ଟ ପଙ୍କଜ ଦ୍ୱିବେଦୀ, ମନୋଜ ଚେମ୍ବା, ପି.କେ ରାମନ୍ନା, ଅନୁପ କୁମାର ଦାସ ପ୍ରମୁଖଙ୍କ ସମତେ ବହୁ ସିଆରଏଫ ଯବାନ ମୁନିଗୁଡାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବସଷ୍ଟାଣ୍ଡ, ରେଳ ଷ୍ଟେଶନ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ଆଦି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଅଳିଆ ଆବର୍ଜନା, ଅନାବନା କାଗଜ ସହ ଅନ୍ୟାନ୍ୟ ଜିନିଷ ଏଣେତେଣେ ନ ଫୋପାଡି ଡଷ୍ଟବିନରେ ଫୋପାଡିବାକୁ ପରାମର୍ଶ ଦେବା ସପ୍ତାହକୁ ଥରେ ନିଜ ପରିବେଶକୁ ସଫା ରଖିବାକୁ ଅନୁରୋଧ କରିଥିଲେ। ଏଥିସହ ଆଦର୍ଶ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ମହେଶ୍ୱର ବିଶୋଇ, ବାଳିକା ଉଚ୍ଚ ବିଦ୍ୟାଳୟର ବାବୁଲି ମିଶ୍ର, ସସ୍ମିତା ଦାସ, ରଶ୍ମିତା ଦିଗାଲ ହରପ୍ରିୟା ସାହାଣୀ, ସବିତା ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ





ମୁନିଗୁଡା ଓ ରାୟଗଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

**ମୁନିଗୁଡା/ରାୟଗଡ଼ା ଅଫିସ, ୨୫।୯(ଡି.ଏନ୍.ଏ.)**

ରାୟଗଡା ଜିଲା ମୁନିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଓ ଗୁଣ୍ଡିଚା ନଗରସ୍ଥିତ ଡକ୍ଟର ଏପିଜେ ଅବ୍‌ଦୁଲ କଲାମ କ୍ରୀଡା ଏବଂ ସାମାଜିକ ଯୁବ କ୍ଲବ ମିଳିତ ଆନୁକୂଲ୍ୟରେ ଦିନ ଦୟାଲ ଉପାଧ୍ୟାୟଙ୍କ ୧୦୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବକେନ୍ଦ୍ର ପ୍ରତିନିଧି ଲକ୍ଷ୍ମୀ ନାରାୟଣ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ରାମକୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜଗା ଶବର ମୁଖ୍ୟ ଅତିଥି, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ମୁଖ୍ୟବକ୍ତା ଓ ସିଆରସିସି ରାଧାକାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଦିନ ଦୟାଲ ଉପାଧ୍ୟାୟ ଓ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଗୌଡ, ନାଥ ପଣ୍ଡା, ରମେଶ ପାଣି, ଭୋଳାନାଥ ଦୁବେ, ସୁଶୀଲ ଚାନ୍ଦ ବେହେରା ଉପସ୍ଥିତ ଥିଲେ। କିଶୋର ଚନ୍ଦ୍ର ବେହେରା, ସାଧୁରାମ ଭୂୟାଁ, ମଧୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ତମ ଦାସ ମଞ୍ଚ ପରିଚାଳନା କରିଥିଲେ। କ୍ଲବ ସଭାପତି ପଞ୍ଚାନନ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ରାୟଗଡା ଜିଲା ଭାଜପା ପକ୍ଷରୁ ରାୟଗଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟୟ ଜୀଙ୍କ ୧୦୩ତମ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଭାଜପାର ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧକ୍ଷ କାଳୀରାମ ମାଝି, ନଗର ସଭାପତି ଏମ୍.ରାମ୍ବାରାଓ, ମହିଳା ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦିକା ଲକ୍ଷ୍ମୀ ପଟ୍ଟନାୟକ, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଜତ ମାଦଳାଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରାଜୁ ସାହୁ, ଜିଲା ଉପସଭାପତି କେ.ଅଶ୍ୱିନୀ, ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭାନୁମତି ମୁଦୁଲି, ରାଜଶ୍ରୀ ଗାଣ୍ଟା, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ଖୋସ୍ଲା, ସୁମଲତା ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇ ସ୍ୱର୍ଗତ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଉଦ୍ୟୋଗୀ ସଚେତନତା ଶିବିର

**ରାୟଗଡା ଅଫିସ୍, ୨୫।୯**




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଆଞ୍ଚଳିକ ଶିଳ୍ପ କେନ୍ଦ୍ର ରାୟଗଡା ତରଫରୁ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ପରିସରରେ ଏକ ଉଦ୍ୟୋଗୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦ୍ୟୁମ୍ନ କୁମାର ପରିଡା ଯୋଗଦେଇ ଛାତ୍ରୀଛାତ୍ରମାନେ ଚାକିରି ପଛରେ ନ ଗୋଡେଇ ନିଜେ ଏକ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଭାରତ ସରକାରଙ୍କର କ୍ଷୁଦ୍ର, ସ୍ୱଳ୍ପ ଓ ମଧ୍ୟମ ଅନୁଷ୍ଠାନର ଉପନିର୍ଦ୍ଦେଶକ ଏନ୍.କେ ରତ୍ନମ୍ ଭାରତ ସରକାରଙ୍କର ବିଭିନ୍ନ ଶିଳ୍ପନୀତି ଉପରେ ଆଲୋକପାତ କରିଥିଲେ । ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରତିଷ୍ଠାନ ରାୟଗଡାର ରାଧାକାନ୍ତ ରାଉତରାୟ ଯୋଗଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭିନ୍ନ ତାଲିମ ଓ ବୈଷୟିକ ଜ୍ଞାନ କୌଶଳ ମାଗଣାରେ ବ୍ୟାଙ୍କ ତରଫରୁ ଦିଆଯାଉଥିବା ସୂଚନା ଦେଇଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ ବୈଷୟିକ ଅନୁଷ୍ଠାନର ଅଧକ୍ଷ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିଯୁକ୍ତି ପାଇଁ ଏହାର ସୁବିଧା ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ । ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସହପରିଚାଳକ ମୋହନ ଶବର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ଧନ୍ୟବାଦ ଦେଇଥିଲେ । ଏହାକୁ ସିଦ୍ଧାର୍ଥ ଶଙ୍କର ସାହୁ, ମାନସ ପଟେଲ ପରିଚାଳନା କରିଥିଲେ ।

# ଆବର୍ଜନାରେ ପୋତି ହୋଇଛି ଡ୍ରେନ

ଟିକିରି, ୨୫।୯(ଡ଼ି.ଏନ.ଏ)



ଦୋକାନ ବଜାରର ଆବର୍ଜନାଗୁଡ଼ିକକୁ ଡ୍ରେନରେ ପକାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ଜଣାଯାଇଛି ।

କାଶୀପୁର ବ୍ଲକ ଟିକିରିର ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ି ରହିଛି । ଏମିତି କି ଡ୍ରେନଗୁଡ଼ିକ ଆବର୍ଜନାରେ ପୋତି ହୋଇ ପଡ଼ିଲାଣି। ଏହାକୁ ନିୟମିତ ସଫା କରାଯାଉ ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ମଇଳା ପାଣି ଲହଡ଼ି ମାରୁଛି । ଏହାଦ୍ୱାରା ମଶା, ମାଛି ବଂଶ ବୃଦ୍ଧି ପାଉଥିବା ବେଳେ ପରିବେଶ ଦୂଷିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିଜ ଘର ଓ

# ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ରାୟଗଡ଼ା ଅଫିସ,୨୫।୯**




ଅଗ୍ନିଶମ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

୬ ଦଫା ଦାବି ନେଇ ରାୟଗଡ଼ା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇଛନ୍ତି । ମଙ୍ଗଳବାର ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି । ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି । ଫଳରେ ଦମକଳ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ କର୍ମଚାରୀଙ୍କ ପରି ସମାନ ଦରମା ଓ ଭତ୍ତା ପ୍ରଦାନ, ହାବିଲଦାର ଓ ଫାୟାର ମ୍ୟାନ ସଂଘକୁ ତୁରନ୍ତ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିବା, ଚାକିରିରୁ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, କର୍ମଚାରୀଙ୍କୁ ୮ ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ଆଦି ଦାବି କରିଛନ୍ତି । ଦାବିଗୁଡ଼ିକ ସରକାର ତୁରନ୍ତ ମାନି ନିଅନ୍ତୁ, ନଚେତ୍ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

